
# କୁକୁଡ଼ା ପାଳନ



Strengthening Rural & Tribal Communities

## ସେବକ

ରଙ୍ଗିଆମୁଣ୍ଡା, ସୁନ୍ଦରଗଡ଼

# କୁକୁଡ଼ା ପାଳନ

ସାଧାରଣତଃ କୁକୁଡ଼ା ୨ ପ୍ରକାର । ଗୋଟିଏ କେବଳ ଅଣ୍ଡା ଦିଆ କୁକୁଡ଼ା ଓ ଅନ୍ୟଟି ମାଂସ ପାଇଁ । ଆଉ ଏକ ପ୍ରକାର କୁକୁଡ଼ା ଅଛନ୍ତି ଯାହାକି ଉଭୟ ମାଂସ ଓ ଅଣ୍ଡା ପାଇଁ ପାଳନ କରାଯାଏ । ଆମ ଦେଶରେ ଅନ୍ୟ ଜାତିର କୁକୁଡ଼ା ଦେଖିବାକୁ ମିଳେ ଯାହାକି ଲଢେଇ ପାଇଁ ବ୍ୟବହାର କରାଯାଏ ଓ ତାର ମାଂସ ଅତି ସୁସ୍ୱାଦୁ । ଅସିଲ ଏହି ଜାତିର କୁକୁଡ଼ା ଅଟେ ।

ବର୍ତ୍ତମାନ ବ୍ରୟଲର କୁକୁଡ଼ାର ଚାହିଦା ସବୁ ସମୟରେ ଓ ଉଚିତ୍ ମୂଲ୍ୟରେ ଗାଁ ଗାଁରେ ମିଳୁଅଛି । ଏହା ଅଳ୍ପ ଖର୍ଚ୍ଚରେ କମ୍ ସମୟରେ ବିକ୍ରି ଉପଯୋଗୀ ହୋଇଥିବାରୁ ଚାଷିମାନେ ଏହି ଦିଗରେ ସମସ୍ତ ବିଷୟ ଜାଣିବା ଉଚିତ୍ । କୁକୁଡ଼ା ମାନଙ୍କ ବିଷୟରେ ନିମ୍ନରେ ସଂକ୍ଷେପରେ ଦିଆ ହୋଇଛି ।

| ବ୍ରିଡ୍ | ରଂଗ | ବାସସ୍ଥାନ | ଉପକାରିତା |
|---|---|---|---|
| ଲେଗହର୍ଣ୍ଣ | ଧଳା | ମେଡ଼ିଟେରିଏନ୍ | ଅଣ୍ଡାପାଇଁ |
| ମିନୋରକାସ୍ | କଳା | ମେଡ଼ିଟେରିଏନ୍ | ଅଣ୍ଡା ଓ ମାଂସ ଉଭୟ |
| ରୋଡ୍ ଆଇଲେଣ୍ଡରେଡ୍ | ନାଲି | ଆମେରିକା | ଅଣ୍ଡା ଓ ମାଂସ ଉଭୟ |
| ଅସ୍ଟ୍ରୋଲୋପ୍ | କଳା | ଇଂଲିଶ୍ | ଅଣ୍ଡା ଓ ମାଂସ ଉଭୟ |
| ଅସିଲ | ଚିତା ଓ ନାଲି | ଉତ୍ତର ପ୍ରଦେଶ ରାଜସ୍ଥାନ, ଚିଟାଗଙ୍ଗ | କୁକୁଡ଼ା ଲଢେଇ ଓ ମାଂସ |
| ବନରାଜା | ଚିତା ଓ ନାଲି | ଦକ୍ଷିଣ ଭାରତ, ଓଡ଼ିଶା | ଅଣ୍ଡା ଓ ମାଂସ ଉଭୟ |
| ବ୍ରୟଲର | ଧଳା, ନାଲି ଓ ଚିତା | ସମସ୍ତ ଯାଗାରେ | ମାଂସ ପାଇଁ |
| କଡ଼ଗ ନାଥ | କଳା(ଏହାର ରକ୍ତ, ହାଡ଼, ମାଂସ ସମସ୍ତ କଳା ରଂଗର) | ଇନ୍ଦ୍ରଦ୍ ନଗର | ମୂଲ୍ୟବାନ ମାଂସ ଓ ଔଷଧ ପାଇଁ |
| ଦେଶୀ ଓ ଜଙ୍ଗଲି | ଚିତା ଓ ନାଲି | ସମସ୍ତ ଗାଁ ଓ ଜଙ୍ଗଲ | ମାଂସ ଓ ଅଳ୍ପ ଅଣ୍ଡା ପାଇ ଅଣ୍ଡା ଉସ୍ମାଇବା ପାଇଁ |

୨. ବ୍ରଏଲର ପାଇଁ ଘର

୨.୧ ଶସ୍ତା ବ୍ରଏଲର କୁକୁଡ଼ା ଘର

ଘରର ଆବଶ୍ୟକତା -

★ ଅଧିକ ମାଂସ ଉତ୍ପାଦନ ନିମିତ୍ତ ବ୍ରଏଲର କୁକୁଡ଼ାମାନଙ୍କ ପାଇଁ ଖାଦ୍ୟ ଓ ପାନୀୟ ସହିତ ଉତ୍ତମ ବାସସ୍ଥାନ ମଧ୍ୟ ଆବଶ୍ୟକ ।

★ କୁକୁଡ଼ା ଘର ଉଚ୍ଚ, ଭଲ ଭାବରେ ଜଳ ନିଷ୍କାସନ ହୋଇପାରୁଥିବା ଓ ମୁକ୍ତବାୟୁ ଚଳାଚଳ କରୁଥିବା ଜାଗାରେ କରନ୍ତୁ ।

★ ପ୍ରତ୍ୟେକ କୁକୁଡ଼ା ଘର ଆଗରେ ଫିନାଇଲ ପାଣିରେ ପାଦ ବୁଡ଼ାଇ ଯିବାପାଇଁ ବ୍ୟବସ୍ଥା କରାଯିବା ଉଚିତ୍ ।

★ ବ୍ରଏଲର ଘର ତିଆରି ସମୟରେ କୁକୁଡ଼ା ଘରଟି ପୂର୍ବ-ପଶ୍ଚିମ ଅକ୍ଷରେ ତିଆରି ହେବ । ଯାହାଦ୍ୱାରା କି ଘର ମଧ୍ୟକୁ ପ୍ରଚୁର ବାୟୁ ଚଳାଚଳ କରିବ ଓ ଲିଟର୍‌ର ଶୁଖିଲା ରହିବ ।

★ ବ୍ରଏଲର କୁକୁଡ଼ା ଘର ୩୦ଫୁଟ୍‌ରୁ ଅଧିକ ଓସାର ହେବ ନାହିଁ, ଘରର ଉଚ୍ଚତା ୧୨ଫୁଟ୍‌ର ୧୪ଫୁଟ୍ ଝରକା ବା ନ୍ୟାଣିଆ ପଟର ଉଚ୍ଚତା ୭ଫୁଟ୍-୮ଫୁଟ୍ ।

★ ସହଜରେ ଓ ଘର ପାଖରେ ମିଳୁଥିବା କାଠ, ବାଉଁଶ, ନଡ଼ା ଇତ୍ୟାଦିରେ କୁକୁଡ଼ା ଘର ନିର୍ମାଣ କରାଯାଇପାରେ ।

★ ଘର କାନ୍ଥର ନିମ୍ନଭାଗ ଅନ୍ତତଃ ଭୂମିଠାରୁ ୧ଫୁଟ୍ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣଭାବେ ବନ୍ଦ କରି ତା' ଉପରେ ତାର ଜାଲି ଦିଆଯାଏ । ଗୃହ ମଧରେ ବିଭକ୍ତିକରଣ ପାଇଁ ତିଆରି କାନ୍ଥଗୁଡ଼ିକ ମଧ୍ୟ ଏହିପରି ଭାବରେ ତାର ଜାଲିଦ୍ୱାରା ବିଭକ୍ତ କରାଯାଏ ।

★ ଘରର ଚଟାଣ ଭୂମିଠାରୁ ୧-୧.୫ ଫୁଟ୍ ଉଚ୍ଚାରେ ସିମେଣ୍ଟରେ କରିବା ଉଚିତ୍ ।

୧. ବ୍ରଏଲର (ମାଂସାଳ) କୁକୁଡ଼ା ପାଳିବା କାହିଁକି ?

★ ବ୍ରଏଲର କୁକୁଡ଼ାମାନେ ଖୁବ୍ ଶିଘ୍ର ବଢି ଦେଢମାସ ବୟସ ବେଳକୁ ଉପଯୋଗୀ ହୋଇଥାନ୍ତି ।

★ ଏଥିପାଇଁ କମ୍ ଟଙ୍କା ଖଟାଇବାକୁ ପଡ଼ିଥାଏ । ଦେଢ ମାସରେ ମୂଳଧନ ସହିତ ଲାଭ ଟଙ୍କା ମିଳିଯାଏ ।

★ ବ୍ରଏଲର ମାଂସ ଉନ୍ନତ ପ୍ରାଣିଜ ପୁଷ୍ଟିକର, କମ୍ ଚର୍ବିଯୁକ୍ତ ସୁପାଚ୍ୟ ଓ ସୁସ୍ୱାଦୁ ମାଂସ ହୋଇଥିବାରୁ ବୟସ ନିର୍ବିଶେଷରେ ଏହା ସମସ୍ତଙ୍କ ପାଇଁ ଖାଦ୍ୟ ଉପଯୋଗୀ ହୋଇଥାଏ । ତେଣୁ ଏହି ମାଂସର ବଜାର ଚାହିଦା ସବୁଠାରୁ ଅଧିକ ।

★ କ୍ଷୁଦ୍ର, ନାମମାତ୍ର ଓ ଭୂମିହୀନ ଚାଷୀମାନଙ୍କ ପାଇଁ ଏହା ଏକ ଜୀବିକା ।

★ ବ୍ରଏଲର କୁକୁଡ଼ା ପାଳନରେ ପରିବାରର ପ୍ରତ୍ୟେକ ବ୍ୟକ୍ତି ସମୟକୁ ଉପଯୋଗ କରିପାରିବେ ।


★ ବେକାର, ଶିକ୍ଷିତ ଯୁବକ ଯୁବତୀମାନେ ଏହାଦ୍ୱାରା ଆତ୍ମନିଯୁକ୍ତି ପାଇପାରିବେ ।

★ ଘରର ମହିଳାମାନଙ୍କର ଏହା ଏକ ଆୟକର ପନ୍ଥା ।


★ ଚାଷ ଅନୁପଯୁକ୍ତ ଜମିରେ ଅଳ୍ପ ଜାଗାରେ ଏହି ଫାର୍ମ କରିହେବ ।

★ ବ୍ରଏଲର ମଳ ଏକ ମୂଲ୍ୟବାନ ଖତସାର । ଏଥିରେ ଆମୋନିୟମ ସଲ୍‌ଫେଟ୍, ସୁପର ଫସ୍‌ଫେଟ୍, ପୋଟାସ୍ ଓ କ୍ୟାଲସିୟମ ଥାଏ । ଯାହାକି ଫସଲ ଓ ପନିପରିବା ପାଇଁ ଅତ୍ୟନ୍ତ ଆବଶ୍ୟକ ।

## ୨.୨ ଶସ୍ତା କୁକୁଡ଼ା ଘର



ଶସ୍ତା କୁକୁଡ଼ା ଘର ନକ୍ସା




କାଠ ଓ ବାଉଁଶରେ ତିଆ ଚାଳଛପର ଶସ୍ତା କୁକୁଡ଼ାଘର

୩. କୁକୁଡ଼ା ଘରେ ବ୍ୟବହାର ହେଉଥିବା ବିଭିନ୍ନ ଉପକରଣ

୧. ବ୍ରୁଡ଼ର
୨. ଦାନାପାତ୍ର
୩. ପାଣିପାତ୍ର
୪. ଲିଟର ଘାଣ୍ଟିବା କିମ୍ବା ରାମ୍ପିବା ପାଇଁ ବିଦା
୫. ଦସ୍ତା ତିଆରି ଡଙ୍ଗାଦାନାପାତ୍ର
୬. କାଠର ବ୍ରୁଡ଼ର
୭. କାଠରେ ତିଆରି ଡଙ୍ଗା ଦାନାପାତ୍ର
୮. ଝୁଲା ଦାନାପାତ୍ର
୯. ମାଟିରେ ତିଆରି ପାଣିପାତ୍ର
୧୦. ଝୁଲା ପାଣିପାତ୍ର
୧୧. ପ୍ଲାଷ୍ଟିକ୍ ପାଣିପାତ୍ର
୧୨. ଟିଣଡବା ଓ ରସଥାଳିଆ ଦାନାପାତ୍ର




ଚିତ୍ର-୫




ଚିତ୍ର-୭



ଚିତ୍ର-୮



ଚିତ୍ର - ୯.୧



ଚିତ୍ର - ୯.୨



ଚିତ୍ର - ୯.୩

୪. ବ୍ରଏଲର ଫାର୍ମ ପାଇଁ ଲିଟର୍‌ର ବ୍ୟବସ୍ଥା -

★ ଡିପ୍‌ଲିଟର ପଦ୍ଧତିରେ ବ୍ରଏଲର ପାଳନ ପାଇଁ ଅଳିଆ ଶଯ୍ୟାର ଆବଶ୍ୟକତା ଥାଏ ।

★ କରତଗୁଣ୍ଡ, ଧାନ ଚଷ୍ଟୁ, ନଡ଼ା ଖଣ୍ଡ, ଶୁଖିଲା ପତ୍ର ପ୍ରଭୃତି ବସ୍ତୁ ଲିଟର ଭାବରେ ବ୍ୟବହାର କରାଯାଏ । ବାଲି, ମାଟି କିମ୍ବା ପାଉଁଶ ପ୍ରଭୃତି ଅଣଅଙ୍ଗାରକୀୟ ବସ୍ତୁ ଲିଟର୍ ଭାବରେ ବ୍ୟବହାର କରାଯାଇ ପାରିବ ନାହିଁ ।

★ ବ୍ରଏଲର କୁକୁଡ଼ାଙ୍କ ପାଇଁ ୩-୪ ଇଞ୍ଚ ବହଳର ଲିଟର ବିଛାଯାଏ ।

★ ଲିଟର ଓଦା ହୋଇ ବେଶିଦିନ ରହିଲେ ବ୍ରଏଲରମାନଙ୍କୁ କକ୍‌ସିଡ଼ିଆ (ନାଳ ରକ୍ତଝାଡ଼ା) ଗୋଲକୃମି ଓ ଫିମ୍ପିଜାତୀୟ ରୋଗ ହେବାର ସମ୍ଭାବନା ଅଧିକ ଥାଏ । ତେଣୁ ଲିଟରକୁ ସବୁବେଳେ ଶୁଖିଲା ରଖନ୍ତୁ ।

★ ସପ୍ତାହରେ ୨-୩ ଥର ଲିଟର୍‌କୁ ଘାଣ୍ଟିବା ଉଚିତ୍ ।

★ ଲିଟର୍ ଓଦାଳିଆ କିମ୍ବା ମୁଣ୍ଡାଳିଆ ହୋଇଗଲେ ତାକୁ କାଢି ନୂଆ ଲିଟର ବିଛାଇବା ଦରକାର ।

★ ବର୍ଷାଦିନେ ଲିଟର ଓଦାଳିଆ ହୋଇଗଲେ ତାକୁ କାଢି ନୂଆ ଲିଟର ବିଛାଇବା ଦରକାର ।

★ ବର୍ଷାଦିନେ ଲିଟର ଓଦାଳିଆ ହେଲେ ପ୍ରତି ଦଶବର୍ଗଫୁଟ ଲିଟରରେ ଏକ କିଲୋ ଚୂନ ଖଣ୍ଡ ପକାଇବା । (ଗୁଣ୍ଡ ଚୂନ ଅପେକ୍ଷା ଖଣ୍ଡ ଚୂନ ଭଲ)

★ ବର୍ଷାଦିନେ ଛିଟା ପାଣି ଘର ଭିତରେ ନ ପଶିବା ପାଇଁ ଝରକାରେ ଅଖା ଟାଙ୍ଗନ୍ତୁ ଓ ବର୍ଷା ଛାଡ଼ିଗଲା ମାତ୍ରେ ଅଖାକୁ ଟେକି ଦିଅନ୍ତୁ ।

୫. ଘରର ସଫାସୁତୁରା

★ କୁକୁଡ଼ାମାନଙ୍କ ବିକ୍ରି ପରେ ପୁରୁଣା ଲିଟର୍‌କୁ ବାହାର କରି ଦେବ ।

★ ପୁରା ଘରକୁ ଭଲ ଭାବରେ ଝାଡ଼ି ପରିଷ୍କାର କରି ଖାଲି ପାଣିରେ ଧୁଅନ୍ତୁ ।

★ ପକ୍କା ଚଟାଣକୁ ଫିନାଇଲ୍ କିମ୍ବା କ୍ଷାର ସୋଡ଼ା (୨%-୩%) ପାଣିରେ ଧୋଇ ଦିଅନ୍ତୁ ଓ କାନ୍ଥକୁ ଚୂନରେ ଧୁଲେଇ କରନ୍ତୁ । ମାଟି ଘର ହୋଇଥିଲେ ଗୋବରରେ ଲିପି ଦିଅନ୍ତୁ ଓ ତା ଉପରେ ଚୂନ ଲିପି ଦିଅନ୍ତୁ ।

★ ଘର ଭିତର ଓ ବାହାର ଉଭୟ ପଟେ ୫ ପ୍ରତିଶତ ଫରମାଲିନ୍ ପାଣି (୫ପ୍ରତିଶତ) ସ୍ପ୍ରେ କଲାପରେ ଭଲ ଭାବରେ ଖରାରେ ଶୁଖାନ୍ତୁ ।

★ ଘରକୁ ଦୁଇ ସପ୍ତାହ ପାଇଁ ଖାଲି ରଖନ୍ତୁ ।

★ କୁକୁଡ଼ା ଘରକୁ ପଶିବା ପୂର୍ବରୁ ଗୋଟିଏ ଗୋଡ଼ ଧୁଆ ସ୍ଥାନ ରଖନ୍ତୁ । ସେଥିରେ ଦୁଇ-ପାଞ୍ଚ ପ୍ରତିଶତ ଫିନାଇଲ୍ ପାଣି ମିଶ୍ରଣ ରଖନ୍ତୁ ।

★ କୁକୁଡ଼ା ଘରକୁ ପଶିବା ପୂର୍ବରୁ ସମସ୍ତଙ୍କୁ ଏଥିରେ ଗୋଡ଼ ବୁଡ଼ାଇ ପଶିବା ଦରକାର । ପ୍ରତିଦିନ ଫିନାଇଲ୍ ମିଶା ପାଣି ବଦଳାଇବା ଆବଶ୍ୟକ ।

**୬. ବ୍ରଏଲର କୁକୁଡ଼ା ଓ ଚିଆଁମାନଙ୍କ ପାଇଁ ମେଜିଆ ସ୍ଥାନ, ଦାନାପାତ୍ର ସ୍ଥାନ ଓ ଜଳପାତ୍ର ସ୍ଥାନର ଆବଶ୍ୟକତା-**







ଭୁଲ୍ ଭାବରେ ଦାନାପାତ୍ର ଓ ଜଳପାତ୍ର ରଖିବା    ସଠିକ୍ ଭାବରେ ଦାନାପାତ୍ର ଓ ଜଳପାତ୍ର ରଖିବା


ବ୍ରୁଡ଼ର ତଳେ ଦାନାପାତ୍ର, ଜଳପାତ୍ର ରଖିବା ପ୍ରଣାଳୀ

**ବ୍ରୁଡ଼ିଂ (ଚିଆଁପାଳନ) ସମୟରେ ଦାନାପାତ୍ର ଓ ଜଳପାତ୍ର ରଖିବାର ସଠିକ୍ ବ୍ୟବସ୍ଥା ।**

★ ବ୍ରଏଲର କୁକୁଡ଼ାମାନଙ୍କ ପାଇଁ କୁକୁଡ଼ା ପ୍ରତି ୧ ବର୍ଗଫୁଟ୍ ସ୍ଥାନ ଆବଶ୍ୟକ ।

★ ପ୍ରତ୍ୟେକ ଚିଆଁମାନଙ୍କ ପାଇଁ ୨ ଇଞ୍ଚ ଖାଇବା ସ୍ଥାନ ଓ ୧ ଇଞ୍ଚ ପାଣି ପିଇବା ସ୍ଥାନ ଆବଶ୍ୟକ । ବଡ଼ ହୋଇଗଲେ ପ୍ରତ୍ୟେକ ଚିଆଁ ପାଇଁ ୪ ଇଞ୍ଚ ଖାଇବା ସ୍ଥାନ ଓ ୨ ଇଞ୍ଚ ପାଣି ପିଇବା ସ୍ଥାନ ଆବଶ୍ୟକ ।

୭. ବ୍ରୁଡ଼ରରେ ଚିଆଁ ପାଳନ-



ଚିତ୍ର- ବ୍ରୁଡ଼ର ତଳେ ଉତ୍ତାପର ମାତ୍ର ଅନୁଯାଇ ଚିଆଁ ମାନଙ୍କର ଚଳପ୍ରଚଳ


★ ବ୍ରଏଲର ଚିଆଁ ଆଣିବାର୍ ୨ ଦିନ ପୂର୍ବରୁ କୁକୁଡ଼ା ଘରର ବ୍ରୁଡ଼ର, ପାଣିପାତ୍ର ଓ ଦାନାପାତ୍ରକୁ ଭଲ ଭାବରେ ପରୀକ୍ଷା କରି ଦେଖନ୍ତୁ ଓ ଯଥା ସ୍ଥାନରେ ରଖନ୍ତୁ । ପ୍ରଥମେ ଘରର ମଝିରେ ମେଜିଆ ଉପରେ ୩-୫ଫୁଟ୍ ବ୍ୟାସର ୨ ଇଞ୍ଚ ବହଳର ଲିଟର ପକାଇ ତା ଉପରେ ପରିଷ୍କାର ଖବର କାଗଜ ପକାନ୍ତୁ, ତା ଉପରେ ବ୍ରୁଡ଼ର ରଖନ୍ତୁ, ବ୍ରୁଡ଼ର ଚାରିକଡ଼ରେ ଚିଆଁ ଦୂରକୁ ନ ଯିବା ପାଇଁ ଦସ୍ତା କିମ୍ବା କାର୍ଡ଼ ତିଆରି (ଏକଫୁଟ୍ ଉଚ୍ଚାର) ଚିଆଁ ଘେର ଗୋଲ କରି (୩-୫ ଫୁଟ୍ ବ୍ୟାସ ବିଶିଷ୍ଟ) ରଖନ୍ତୁ ।

★ ବ୍ରୁଡ଼ରର ଉତ୍ତାପ ପ୍ରଥମ ସପ୍ତାହରେ ୯୫° ପର୍ଯ୍ୟନ୍ତ ପହଞ୍ଚିବ ।

★ ବ୍ରୁଡ଼ରର ସବୁଆଡ଼େ ଯେପରି ଉତ୍ତାପ ଠିକ୍ ରହେ, ସେଥିପ୍ରତି ଦୃଷ୍ଟି ଦିଅନ୍ତୁ । ବ୍ରୁଡ଼ର ତଳେ ଚିଆଁ ମାନଙ୍କର ଚଳପ୍ରଚଳକୁ ଲକ୍ଷ କରନ୍ତୁ । ବେଶୀ ଉତ୍ତାପ ହେଲେ ଚିଆଁ ମାନେ ଉତ୍ତାପ ଉତ୍ସଠାରୁ ଦୂରେଇ ଯିବେ ଓ କମ୍ ଉତ୍ତାପ

ହେଲେ ଉତ୍ତାପ ଉତ୍ସ ତଳେ ରୁଣ୍ଡ ହୋଇ ଅଥବା ଚଢ଼ାଚଢ଼ି ହୋଇ ଗହଳି କରିବେ । ଠିକ୍ ଉତ୍ତାପରେ ଚିଆଁମାନେ ବ୍ରୁଡ଼ର ତଳେ ଖେଳାଇ ହୋଇ ଚିଇଁ ଚିଇଁ ଶବ୍ଦକରି ଖିଆପିଆ କରି ବୁଲୁଥିବେ । ଚିଆଁମାନଙ୍କ ପାଇଁ ପାଣି ଓ ଖାଦ୍ୟର ମଧ୍ୟ ବ୍ୟବସ୍ଥା କରିବା ଆବଶ୍ୟକ । ଚିଆଁମାନଙ୍କର ସଂଖ୍ୟା ଓ ବୟସ ଅନୁପାତରେ ଦାନାପାତ୍ର ଓ ଜଳପାତ୍ର ସଂଖ୍ୟା ନିରୂପଣ କରାଯାଏ ।

**୮. ବ୍ରଏଲର ଖାଦ୍ୟ**




**ସଂଘନ ପ୍ରଣାଳୀରେ ବ୍ରଏଲର ପାଳନ –**

ବ୍ରଏଲର ଚିଆଁମାନଙ୍କୁ ସାଧାରଣତଃ ଦୁଇ ପ୍ରକାର ଦାନା ଦେବାକୁ ପଡ଼େ ଯଥା–

★ ପ୍ରାରମ୍ଭିକ ଦାନା

ଓ

★ ପ୍ରବର୍ଦ୍ଧକ ଦାନା

★ କୁକୁଡ଼ା ଚିଆଁ ଫାର୍ମକୁ ଆଣିଲା ପରେ ବ୍ରୁଡ଼ର ତଳେ ଚିଆଁଙ୍କୁ ଧିରେ ଧିରେ ଛାଡ଼ନ୍ତୁ ।

★ ଚିଆଁ ଛାଡ଼ିଲା ବେଳେ ଚିଆଁର ଥଣ୍ଟକୁ ପିଇବା ପାଣିରେ ବୁଡ଼ାଇ ଛାଡ଼ନ୍ତୁ ।

★ ବ୍ରୁଡ଼ର ଘରେ ଥିବା ପାଣିପାତ୍ରରେ ଭଲ ପାଣି ସହିତ ଲିଟର ପ୍ରତି ୧୦ଗ୍ରାମ ଗ୍ଲୁକୋଜ ଓ ଏକ ଗ୍ରାମ ଇଲେକ୍‌ଟ୍ରାଲ ମିଶାଇ ଚିଆଁମାନଙ୍କୁ ପିଇବାକୁ ଦିଅନ୍ତୁ । ପ୍ରଥମେ ଚିଆଁମାନେ ପାଣି ପିଇବା ଆରମ୍ଭ କଲାପରେ ଖବରକାଗଜ କିମ୍ବା ଟ୍ରେ ଉପରେ ଗୁଣ୍ଡ ଦାନା ଦିନେ ଦୁଇ ଦିନ ବିଛାଇ ଦିଅନ୍ତୁ ।

★ ବ୍ରଏଲରମାନଙ୍କୁ ସାଧାରଣ ଦୁଇ ପ୍ରକାର ଦାନା ଖାଇବାକୁ ଦିଆଯାଇଥାଏ ।

କ) ୪ ସପ୍ତାହ ପର୍ଯ୍ୟନ୍ତ 'ଷ୍ଟାଟର' ବା ପ୍ରାରମ୍ଭିକ ଦାନା ଦିଆଯାଏ ।

ଖ) ୪ ସପ୍ତାହ ଠାରୁ ବିକ୍ରି ପର୍ଯ୍ୟନ୍ତ ଫିନିସ୍‌ର ବା ପ୍ରବର୍ଦ୍ଧକ ଦାନା ଖାଇବାକୁ ଦିଆଯାଏ ।

★ ବ୍ରଏଲରମାନଙ୍କୁ ଦାନା ଓ ପାଣିରେ ସମୟ ସମୟରେ ଭିଟାମିନ୍ ଓ ଔଷଧ ଦେବାକୁ ପଡ଼ିଥାଏ । ଏଥିପାଇଁ ଗ୍ରାମ ପଞ୍ଚାୟତ/ ବ୍ଲକସ୍ତରରେ ଥିବା ପଶୁଧନ ନୀରିକ୍ଷକ କିମ୍ବା ପଶୁ ଚିକିତ୍ସକଙ୍କ ପରାମର୍ଶ ଗ୍ରହଣ କରନ୍ତୁ ।

★ ବ୍ରଏଲର ଚିଆଁମାନଙ୍କୁ ପ୍ରଥମ ୪ ଦିନ ପିଇବା ପାଣିରେ ଲିଟର ପ୍ରତି ଏକ ଗ୍ରାମ ଟେଟ୍ରାସାଇକ୍ଲିନ୍ କିମ୍ବା ଅନ୍ୟ ଆଣ୍ଟିବାୟୋଟିକ୍ ମିଶାଯାଏ ।

★ ସେହିପରି ପ୍ରଥମ ୧୫ଦିନ ପର୍ଯ୍ୟନ୍ତ ପିଇବା ପାଣିରେ ଲିଟର ପ୍ରତି ସାଢେ ୨ ସେ.ମି. ଭିଟାମିନ୍-ଏ ମିଶ୍ରଣ ଓ ୧୦-୧୫ ସେ.ମି. ଭିଟାମିନ୍-ବି କମ୍ପ୍ଲେକ୍ସ ମିଶାଯାଏ ।

★ ବ୍ରଏଲରଙ୍କର ଦାନାରେ ସର୍ବଦା କକସିଡ଼ିଆ ବିରୋଧି ଔଷଧ ଯଥା କୋବାନ୍ କିମ୍ବା ଆମ୍ପ୍ରୋପ୍ଲସ୍ ୫୦ଗ୍ରାମ୍ ଏକ କୁଇଣ୍ଟାଲ୍ ଦାନାରେ ମିଶାଯାଏ ।

★ ଯଦି କୌଣସି କମ୍ପାନିର ତିଆରି ଦାନା କିଣୁଥାଅ, ତାହାହେଲେ ଦୋକାନୀଠାରୁ ବୁଝିନେବ ଯେ କକସିଡ଼ିଆ ବିରୋଧି ଔଷଧ ଏବଂ ଭିଟାମିନ୍-ଏ, ବିଟୁ ଡିଥ୍ରି ଏବଂ ଏକ ମିଶ୍ରଣ (ଏକ କୁଇଣ୍ଟାଲ୍ ଦାନାରେ ୧୦ଗ୍ରାମ୍ ହିସାବରେ) ଏବଂ ଭିଟାମିନ୍-ବି ମିଶ୍ରଣ ମିଶାଯାଇଛି କି ନା ।

★ ମରେକ୍ସ ଟୀକା ସାଧାରଣତଃ ଚିଆଁ ଫୁଟିଲା ଦିନ ହାଚେରିରେ ଦିଆଯାଏ, ତେଣୁ ଚିଆଁ କିଣିଲା ବେଳେ ମରେକ୍ସ ଟୀକା ଦିଆଯାଇଛି କି ନା ତାହା ବୁଝିବାକୁ ପଡ଼ିବ ।

## ୯. ବ୍ରଏଲରମାନଙ୍କର ପ୍ରତିଷେଧକ ଟୀକା -

★ ବ୍ରଏଲର କୁକୁଡ଼ା ଫାର୍ମରେ ସାଧାରଣତଃ କୁକୁଡ଼ାମାନଙ୍କୁ ୬ସପ୍ତାହ ପର୍ଯ୍ୟନ୍ତ ରହିବାକୁ ପଡ଼େ । ନିଜ ଅଞ୍ଚଳର ପଶୁ ଚିକିତ୍ସକଙ୍କ ପରାମର୍ଶରେ ବିଭିନ୍ନ ଟୀକା ଦେବା ଦରକାର ।

★ ସାଧାରଣତଃ ୩ ପ୍ରକାର ଟୀକା ଦିଆଯାଇଥାଏ ।

| ରୋଗ | ବୟସ | ମାତ୍ରା | ମନ୍ତବ୍ୟ |
|---|---|---|---|
| ମାରେକ୍ସ | ପ୍ରଥମଦିନ | ୦.୨ ମି.ଲି. | ଏହା ହ୍ୟାଚେରୀରେ ଦିଆଯାଇଥାଏ । (ଫାର୍ମରେ ଦେବା ଆବଶ୍ୟକତା ନାହିଁ) |
| ରାଣୀକ୍ଷେତ(ଏଫ୍-୧ ଷ୍ଟେନ୍ ଏଫ) | ୫-୭ ଦିନ | - | ୧-୨ବୁନ୍ଦା ନାକ ପୁଡ଼ାରେ |
| | ୨୮-୩୦ଦିନ | - | କିମ୍ବା ଆଖିରେ |
| କୁକୁଡ଼ା ବସନ୍ତ ଟୀକା | ୩୭-୪୫ ଦିନ | - | ପାଦତଳେ କିମ୍ବା ଡେଣା ତଳେ ଛୁଞ୍ଚରେ ଫୋଡ଼ି ଦିଆଯାଏ |

## ୧୦. ବିଭିନ୍ନ ବୟସରେ ବ୍ରଏଲର କୁକୁଡ଼ାଙ୍କର ଆନୁପାତିକ ଓଜନ -

★ କୁକୁଡ଼ା ଚିଆଁ ଭଲ ହାଚେରିରୁ କିଣନ୍ତୁ । ବାହାର ବୁଲା କୁକୁଡ଼ା ବେପାରୀଙ୍କ ପାଖରୁ କିଣନ୍ତୁ ନାହିଁ ।

★ ସପ୍ତାହରେ ଥରେ କେତେକ କୁକୁଡ଼ାର ଓଜନ ନିଅନ୍ତୁ । ସାଧାରଣତଃ ବିଭିନ୍ନ ସପ୍ତାହରେ ବ୍ରଏଲର କୁକୁଡ଼ାର ହାରାହାରି ଓଜନ ହେଲା-

| ସପ୍ତାହ | ଶାରୀରିକ ଓଜନ (ଗ୍ରାମରେ) |
|---|---|
| ପହଞ୍ଚିବା ସମୟରେ | ୪୦ |
| ୧ | ୧୦୦ |
| ୨ | ୨୧୦ |
| ୩ | ୩୮୦-୪୫୦ |
| ୪ | ୫୦୦-୬୦୦ |
| ୫ | ୯୦୦-୧୦୦୦ |

| | |
|---|---|
| ୬ | ୧୨୫୦-୧୪୦୦ |
| ୭ | ସପ୍ତମ ସପ୍ତାହ ବେଳକୁ ବ୍ରଏଲରମାନଙ୍କୁ ବିକ୍ରି କରିଦେବା ଦରକାର । ଯଦି ବ୍ରଏଲର କୁକୁଡ଼ାମାନେ ଭଲରେ ବଢୁ ନାହାନ୍ତି ପଶୁ ଚିକିତ୍ସକଙ୍କ ସହିତ ପରାମର୍ଶ କରନ୍ତୁ । |

୧୧. ଆମ ରାଜ୍ୟ ଓ ରାଜ୍ୟପାଖ ସ୍ଥାନ କେଉଁଠାରୁ ବ୍ରଏଲର କୁକୁଡ଼ା ଚିଆଁ ମିଳିବ-

| କେଉଁଠାରୁ ମିଳିବ | କେଉଁ ପ୍ରକାର ବ୍ରଏଲର |
|---|---|
| ➔ ଇଷ୍ଟର୍ଣ୍ଣ ହ୍ୟାଚେରି, ନୂଆପଲ୍ଲୀ, ଭୁବନେଶ୍ୱର । | କବ୍ ବ୍ରଏଲର |
| ➔ ଓଡ଼ିଶା ଫାର୍ମ ପ୍ରଡ଼କ୍ଟ, ୭୬, ବାପୁଜୀନଗର, ଭୁବନେଶ୍ୱର | କବ୍ ବ୍ରଏଲର |
| ➔ ଶ୍ରୀ ଦୁର୍ଗା ହ୍ୟାଚେରି, ଏନ୍-୧୬୫, ଭୁବନେଶ୍ୱର । | କବ୍ ବ୍ରଏଲର |
| ➔ ଶ୍ରୀ ଦୁର୍ଗା ହ୍ୟାଚେରି, ଏନ୍-୧୬୫, ଭୁବନେଶ୍ୱର | ହାବାର୍ଡ଼ ବ୍ରଏଲର |
| ➔ ଭୁବନେଶ୍ୱର ହାଚେରି, ବାପୁଜୀନଗର, ଭୁବନେଶ୍ୱର | କବ୍‌ଓ ହବ୍‌ବିକ୍ସ ବ୍ରଏଲର |
| ➔ ଶ୍ରୀନିବାସ ହାଚେରି, ବିଶାଖାପାଟଣା | କବ୍ ବ୍ରଏଲର |
| ➔ ଇଣ୍ଡିଆନ୍ ବ୍ରଏଲର, ରାୟପୁର | କବ୍ ବ୍ରଏଲର |
| ➔ କୁକ୍କୁଟ ବିଜ୍ଞାନ ବିଭାଗ, ଓଡ଼ିଶା ପଶୁ ଚିକିତ୍ସା ଓ ପଶୁପାଳନ | ରଙ୍ଗ ବେରଙ୍ଗ ବ୍ରଏଲର |
| ➔ ମହାବିଦ୍ୟାଳୟ, ଭୁବନେଶ୍ୱର | |
| ➔ ଓଡ଼ିଶା ଫାର୍ମ ପ୍ରଡକ୍ଟ, ୭୬, ବାପୁଜୀନଗର, ଭୁବନେଶ୍ୱର | ରଙ୍ଗ ବେରଙ୍ଗ ବ୍ରଏଲର |
| ➔ କେନ୍ଦ୍ରିୟ କୁକ୍କୁଟ ଉନ୍ନୟନ ପ୍ରତିଷ୍ଠାନ, ନୂଆପଲ୍ଲୀ, ଭୁବନେଶ୍ୱର | ରଙ୍ଗ ବେରଙ୍ଗ ବ୍ରଏଲର |
| ➔ ସୁନ୍ଦରଗଡ଼ ରେଜିଓନାଲ ପୋଲଟ୍ରିଫାର୍ମ | ବନରାଜା |

୧୨. ଆମ ରାଜ୍ୟରେ ବିଭିନ୍ନ କମ୍ପାନୀଦ୍ୱାରା ପ୍ରସ୍ତୁତ ବ୍ରଏଲର କୁକୁଡ଼ା ମାନଙ୍କର ସନ୍ତୁଳିତ ଦାନାର ନାମ -

- ପଶୁପତି ଫିଡ୍
- ଗଡ଼ରେଜ୍ ଫିଡ୍

- ଲିଙ୍ଗରାଜ ଫିଡ୍
- ପୋଷାକ ଫିଡ୍
- ଗୋଲ୍ଡ ମୋହର ଫିଡ୍
- ସୁପରଷ୍ଟାର ଫିଡ୍
- ଅମ୍ରିତ ଫିଡ୍
- ହିନ୍ଦିତା ଫିଡ୍
- ଶ୍ରୀ ଫିଡ୍
- ଶକ୍ତି ଫିଡ୍
- ସୌରଭ ଫିଡ୍
- ଦେବୀ ଫିଡ୍

ଏହି ସବୁଦାନା ଓଡ଼ିଶାରେ ବିଭିନ୍ନ ଯାଗାରେ ମିଳୁଅଛି । ଯେକୌଣସି ମାର୍କାର ଦାନା ଆଣି ବ୍ରଏଲର କୁକୁଡ଼ାମାନଙ୍କୁ ଦିଆଯାଇପାରେ ।

**୧୩. କୁକୁଡ଼ାଙ୍କର ଔଷଧ -**

ବିଭିନ୍ନ ଔଷଧ କମ୍ପାନି କୁକୁଡ଼ା ଔଷଧ ପ୍ରସ୍ତୁତ କରି ବଜାରରେ ବିକ୍ରୟ କରନ୍ତି, ମନୁଷ୍ୟଙ୍କର ଔଷଧ ମିଳୁଥିବା ଦୋକାନରେ ପଶୁପକ୍ଷୀଙ୍କର ଔଷଧ ମିଳେ । ଔଷଧ କିଣିଲା ବେଳେ ଭୂଲ୍ ଉନ୍ନତ କମ୍ପାନୀ ମାର୍କା ଔଷଧ ଯଥା- ଗ୍ଲାକ୍ସୋ, ରାନ ବାକ୍ସି ଓ ଗୋଲଡେନ୍ ଷ୍ଟ୍ରିକି ଇତ୍ୟାଦି ନିମ୍ନଲିଖିତ ଔଷଧ ପ୍ରସ୍ତୁତ କାରୀ କମ୍ପାନୀମାନେ କୁକୁଡ଼ା ଔଷଧ ତିଆରି କରନ୍ତି ।

- ରାନ୍ ବାକ୍ସି
- ଗେଲଡେନ୍ ଷ୍ଟ୍ରିକ୍ ଆଣ୍ଡ ଡ୍ରଗ୍ କୋ
- କର୍ଣ୍ଣାଟକ ଆଣ୍ଟିବାୟୋଟିକ୍

- ଇଣ୍ଡିଆନ୍ ହର୍ବସ୍ କମ୍ପାନୀ
- ଗ୍ଲାକ୍ସୋ କମ୍ପାନୀ
- ବ୍ରିହାନ୍‌ସ କମ୍ପାନୀ
- ଭେଙ୍କସ୍ ଇଣ୍ଡିଆ ଲିମିଟେଡ୍ କମ୍ପାନୀ
- ହେଷ୍ଟ କମ୍ପାନୀ
- ଭେଟକେୟାର କମ୍ପାନୀ

**କୁକୁଡ଼ାଙ୍କର ପ୍ରତିଷେଧକ ଟୀକା ମିଳୁଥିବା ପ୍ରସ୍ତୁତକାରୀ ସଂସ୍ଥା -**

୧. ସ୍କ୍ରିନ୍ ବାୟୋଲଜିକାଲ

୨. ଇଣ୍ଟର ଭେଟ୍

୩. ସରାଭାଇ କେମିକାଲ

୪. ଗ୍ଲାକ୍ସୋକଂପାନି

୫ ଓଡ଼ିଶା ସରକାରଙ୍କର ଓଡ଼ିଶା ବାୟୋଲଜିକାଲ ପ୍ରଡକ୍ଟ ପ୍ରତିଷ୍ଠାନ, ଭୁବନେଶ୍ୱର-୩ ଏହି ଟୀକା ଯେ କୌଣସି ଔଷଧ ଦୋକାନରେ ମିଳେ ।

**୧୪. କୁକୁଡ଼ା ଫାର୍ମରେ ରୋଗ ନ ଡେଇଁବା ପାଇଁ ପ୍ରତିକାର ବ୍ୟବସ୍ଥା-**

**କୁକୁଡ଼ା ଫାର୍ମରେ ରୋଗ ନ ହେବାପାଇଁ କିମ୍ବା ରୋଗ ନ ଡେଇଁବା ପାଇଁ ନିମ୍ନଲିଖିତ ପ୍ରତିକାର ବ୍ୟବସ୍ଥା ଗ୍ରହଣ କରିବାକୁ ପଡ଼ିବ ।**

୧. କୁକୁଡ଼ା ଫାର୍ମ କରିବା ବେଳେ ଦିନିକିଆ ଚିଆଁ ଆଣି ଫାର୍ମ ଆରମ୍ଭ କଲେ ଭଲ । ଯାହା ଫଳରେ ରୋଗ ବାହକ କୁକୁଡ଼ା ପାଳିବାର ଭୟ ଦୂର ହୋଇଥାଏ ।

୨. ଚିଆଁମାନଙ୍କୁ ବଡ଼ କୁକୁଡ଼ାଙ୍କଠାରୁ ଦୂରେଇ ରଖି ପାଳନ କରାଯାଏ । ନ'ହେଲେ ବଡ଼ କୁକୁଡ଼ାଙ୍କଠାରୁ ଚିଆଁମାନଙ୍କ ପାଖକୁ ରୋଗ ଡେଇଁବାର ସମ୍ଭାବନା ଥାଏ ।

୩. ବଡ଼ କୁକୁଡ଼ା, ବଢନ୍ତା କୁକୁଡ଼ା ଓ ଛୋଟ କୁକୁଡ଼ାଙ୍କୁ ଅଲଗା ଅଲଗା ଘରେ ରଖିବା ଉଚିତ୍ ଓ ସେମାନଙ୍କର କାମ ଅଲଗା ଅଲଗା ଲୋକଦ୍ୱାରା କରାଇବା ଉଚିତ୍ ।

୪. ଫାର୍ମ ବଡ଼ ହୋଇ ନଥିଲେ ପ୍ରଥମେ ଚିଆଁମାନଙ୍କର କାମ ସାରି ତା'ପରେ ବଡ଼ କୁକୁଡ଼ାଙ୍କ କାମ କରିବା ଉଚିତ୍ ।

୫. ଫାର୍ମରେ ଏକାଧିକ ଜାତିର କୁକୁଡ଼ା ରଖିବା ଅନୁଚିତ୍ ।

୬. ଫାର୍ମ ଭିତରକୁ କାମ କରୁଥିବା ଲୋକମାନଙ୍କ ବ୍ୟତିତ ଅନ୍ୟ ଲୋକମାନଙ୍କୁ ଛାଡ଼ିବା ଉଚିତ୍ ନୁହେଁ ।

୭. ଫାର୍ମ ଭିତରକୁ ଆଗନ୍ତୁକମାନଙ୍କର ପ୍ରବେଶ କରିବା ନିଶିଦ୍ଧ । ବିଶେଷତଃ କୁକୁଡ଼ା ବ୍ୟବସାୟରେ ଥିବା ଏବଂ ଅନ୍ୟ ଫାର୍ମରେ କାମ କରୁଥିବା ଲୋକମାନଙ୍କୁ ଫାର୍ମ ଭିତରେ ପଶିବା ମନା ।

୮. ବାହାରେ ବ୍ୟବହୃତ ହୋଇଥିବା ଜୋତାକୁ କୁକୁଡ଼ା ଘରକୁ ପିନ୍ଧି କରିଯିବା ନିଷେଧ । ଫାର୍ମରେ କାମ କରୁଥିବା ପ୍ରତ୍ୟେକ ଲୋକପାଇଁ ହଳେ ଲେଖାଏଁ ରବର ଜୋତା ବନ୍ଦୋବସ୍ତ କରିବା ଉଚିତ୍ । ଫାର୍ମର ଫାଟକ ପାଖରେ ନିଜର ଜୋତା ଖୋଲି ରଖାଯାଏ ଏବଂ ଫାର୍ମ ଭିତରକୁ ନେବା ପାଇଁ ଉଦ୍ଦିଷ୍ଟ ଜୋତାକୁ ପିନ୍ଧାଯାଏ ।

୯. ଫାର୍ମର ପ୍ରତ୍ୟେକ ପ୍ରକୋଷ୍ଠର ସାମ୍ନାରେ ଗୋଟିଏ ଗୋଟିଏ ଅଗଭୀର ପାଦ ଧୁଆ କୁଣ୍ଡର ବ୍ୟବସ୍ଥା କରାଯାଏ । ଏଥିରେ ଦୁଇ ପ୍ରତିଶତ ଫିନାଇଲ୍ କିମ୍ବା ଦୁଇ ପ୍ରତିଶତ ଲାଇସଲ କିମ୍ବା ଅନ୍ୟ କେଉଁ ପ୍ରକାରର ଫଳପ୍ରଦ ବିଶୋଧନ ପାଣି ରଖାଯାଏ । କୁକୁଡ଼ା ଗୃହରେ ପ୍ରବେଶ କରିବା ପୂର୍ବରୁ କାମ କରୁଥିବା ଲୋକ ସେହି ବିଶୋଧିତ ଦ୍ରବଣରେ ଗୋଡ଼ ବୁଡ଼ାଇ କିମ୍ବା ମା ଡ଼ିଥିବା ରବର ଜୋତା (ଗମ୍‌ବୁଟ୍)କୁ ବୁଡ଼େଇ ଫାର୍ମ ଭିତରକୁ ଯିବା ଉଚିତ୍ ।

୧୦. କୁକୁଡ଼ା ଘରକୁ ସଦାସର୍ବଦା ପରିଷ୍କାର ପରିଚ୍ଛନ୍ନ ରଖିବା ଓ ଲିଟରକୁ ସଦାସର୍ବଦା ଶୁଷ୍କ ରଖିବା ଉଚିତ୍ । ଲିଟର ଓଦା ହୋଇ ରହିଲେ କକ୍‌ସି ଡିଆ ରୋଗ ବ୍ୟାପିଯାଏ ।

୧୧. କୁକୁଡ଼ାମାନଙ୍କର ପାଣିପାତ୍ର, ଦାନାପାତ୍ର ଓ ଅନ୍ୟାନ୍ୟ ଉପକରଣକୁ ପରିଷ୍କାର ରଖିବା ଓ ଯେକୌଣସି ବିଶୋଧନ ସାହାଯ୍ୟରେ ମଝିରେ ମଝିରେ ବିଶୋଧନ କରାଇବା ଉଚିତ୍ ।

୧୨. କୁକୁଡ଼ାମାନଙ୍କୁ ସର୍ବଦା ନିର୍ମଳ ଓ ପରିଷ୍କାର ଜଳ ପିଇବାକୁ ଦେବା ଉଚିତ୍ ।

୧୩. କୁକୁଡ଼ାମାନଙ୍କୁ ପୁରୁଣା ଦାନା କିମ୍ବା ଫିମ୍ପିମରା ଦାନା ଖାଇବାକୁ ଦେବା ଅନୁଚିତ୍ ।

୧୪. ମଲା କୁକୁଡ଼ା ଓ ରୋଗାକ୍ରାନ୍ତ କୁକୁଡ଼ାକୁ ତୁରନ୍ତ ଅଲଗା କରି ଦେବା ଉଚିତ୍ । ମଲା କୁକୁଡ଼ାଙ୍କୁ ପୋଡ଼ିଦେବ କିମ୍ବା ଗଭୀର ଗାତ ଖୋଳି ଚୁନ ମିଶାଇ ପୋତି ଦେବ ।

୧୫. କୁକୁଡ଼ା ଘରେ ମାଛି ନ ହେବା ପାଇଁ ଯତ୍ନବାନ୍ ହେବା ଉଚିତ୍ ।

୧୬. ଆବର୍ଜନା ଓ ଅନାବନା ମଇଳାକୁ ଫାର୍ମର ଗୋଟିଏ କୋଣରେ ଗାତ ଖୋଳି କମ୍ପୋଷ୍ଟ କରାଇବା ଉଚିତ୍ ।

୧୭. କୁକୁଡ଼ା ଘର ଭିତରକୁ ବନ୍ୟ ପକ୍ଷୀ, ବନ୍ୟଜନ୍ତୁ, ଅନ୍ୟାନ୍ୟ ପକ୍ଷୀ ଯଥା ପାରା ଇତ୍ୟାଦି ପ୍ରବେଶ ପାଇଁ ସୁବିଧା ଦିଆଯିବା ଅନୁଚିତ୍ ।

୧୮. କୁକୁଡ଼ା ଘର ଭିତରକୁ ମୂଷା ନଯିବା ପାଇଁ ଯତ୍ନ ନେବା ଉଚିତ୍ ଯେମିତି ୧୮ରୁ ୨୦ ଇଞ୍ଚ ଆକାରରେ ଛୋଟ ମୁହଁଥିବା ଜାଲି ଲଗାଯାଇପାରେ ।

୧୯. କୁକୁଡ଼ା ଘରକୁ କୁକୁଡ଼ାମାନଙ୍କ ପିଇବା ପାଇଁ ଯେଉଁ ଜଳ ବ୍ୟବହାର କରାଯାଏ ସେ ଉତ୍ସକୁ ପ୍ରତ୍ୟେକ ପନ୍ଦର ଦିନ ଅନ୍ତରରେ ବିଶୋଧିତ କରିବା ଉଚିତ୍ (ଗଭୀର ନଳକୂପ ବ୍ୟତୀତ) ପାଣି ଟାଙ୍କି ଓ ପାଇପ ଲାଇନ୍‌କୁ ମଧ୍ୟ ବିଶୋଧକ ସାହାଯ୍ୟରେ ବର୍ଷରେ ଥରେ ଅଧେ ସଫା କରି ଦେବା ଉଚିତ୍ ।

୨୦. କୁକୁଡ଼ା ଘରେ ଥିବା ଖୁଣ୍ଟ, କଡ଼ି ବରଗା ଇତ୍ୟାଦିର ଫାଟ ଓ ଫାଙ୍କା ଜାଗାମାନଙ୍କରେ ଯଦି ଉକୁଣୀ, ଟିଙ୍କ ଓ ସୂକ୍ଷ୍ମ କୀଟ ଆଦି ଘର ସଫା କରିସାରିବା ପରେ ରହି ଯିବାର ସମ୍ଭାବନା ଥିବାରୁ ସେ ଜାଗାକୁ ମାଲାଥିଅନ କିମ୍ବା ସୁମିଥିଆନ କିମ୍ବା ସାଇଥିଆନ ଆଦି ବିଷଦ୍ୱାରା (୦.୫ ପ୍ରତିଶତ ହିସାବରେ) ସ୍ପ୍ରେ କରାଇ ଦେବା ଉଚିତ୍ କିମ୍ବା ବ୍ଲୋ ଲ୍ୟାମ୍ପ ସାହାଯ୍ୟରେ ଜାଳି ନଷ୍ଟ କରିଦେବା ଉଚିତ୍, ଚାଳ ଘରେ ବ୍ଲୋଲ୍ୟାମ୍ପ ବ୍ୟବହାର କରିବ ନାହିଁ, ବ୍ଲୋଲ୍ୟାମ୍ପ ବ୍ୟବହାର କଲାବେଳେ କୌଣସି ଜିନିଷ ପୋଡ଼ି ନ ହେବା ପାଇଁ ସତର୍କତା ଅବଲମ୍ବନ କରିବା ଉଚିତ୍ ।

୨୧. ଯଦି ସୁବିଧା ହୁଏ, କୁକୁଡ଼ା ଫାର୍ମ ଚାରିପଟେ ପରିବେଷ୍ଟନୀ କାନ୍ଥ ଦେବା ଉଚିତ୍ ଯାହା ଫଳରେ ବାହାର କୁକୁଡ଼ା ଫାର୍ମ ଭିତରକୁ ଆସିପାରିବ ନାହିଁ ।

୨୨. ବ୍ୟବହୃତ ଔଷଧ ବୋତଲ, ଖାଲି ଟୀକା ଆମ୍ପୁଲ ଇତ୍ୟାଦିକୁ ଗଭୀର ଗାତକରି ପୋତି ଦେବା ଉଚିତ୍ । ଫାର୍ମ ଭିତରେ ରଖିବା ଅନୁଚିତ୍ ।

## ବନରାଜା କୁକୁଡ଼ାପାଳନ

ଆମଦେଶ ତଥା ଆମର ପଡ଼ୋଶୀ ଦେଶମାନଙ୍କରେ ମୁକ୍ତ ଅଗଣାରେ କୁକୁଡ଼ା ପାଳନ ଏକ ପୁରାତନ ପରମ୍ପରା । ବର୍ତ୍ତମାନ ଆମର ଦେଶ ଆଧୁନିକ କୁକୁଡ଼ା ପାଳନ କ୍ଷେତ୍ରର ବହୁତ ଉନ୍ନତ କରିଥିଲେ ମଧ୍ୟ ଏପର୍ଯ୍ୟନ୍ତ ଅଣ୍ଡା ଏବଂ କୁକୁଡ଼ା ମାଂସରେ ଆମ ସ୍ୱାବଲମ୍ବୀ ହୋଇପାରିନାହଁ । ଆମର ମୁଣ୍ଡପିଛା ବାର୍ଷିକ ୧୮୦ଟି ଅଣ୍ଡା ଏବଂ ୯କିଲୋ କୁକୁଡ଼ା ମାଂସ ପାଉଛୁ । ଆମ ଦେଶର ସମୁଦାୟ ଜନସଂଖ୍ୟାର ୭୫% ଗ୍ରାମାଞ୍ଚଳରେ ରହୁଥିବା ବେଳେ ୨୫ ପ୍ରତିଶତ ସହରାଞ୍ଚଳରେ ବସବାସ କରନ୍ତି । ଆମଦେଶରେ ଉତ୍ପାଦନ ହେଉଥିବା ସମୁଦାୟ କୁକୁଡ଼ା ମାଂସ ଓ ଅଣ୍ଡା ମଧ୍ୟରୁ ୭୫ ପ୍ରତିଶତ ସହରାଞ୍ଚଳରେ ଲୋକମାନେ ଉପଭୋଗ କରୁଥିବା ସ୍ଥଳେ ୨୫ପ୍ରତିଶତ କେବଳ ଗ୍ରାମାଞ୍ଚଳର ଲୋକମାନେ କୁକୁଡ଼ା ମାଂସ ଏବଂ ଅଣ୍ଡା ଖାଇବାକୁ ପସନ୍ଦ କରନ୍ତି ନାହିଁ । କେବଳ ଆର୍ଥିକ ଅନାଟନ ଓ ପ୍ରଚୁର ପରିମାଣରେ କୁକୁଡ଼ା ଅଣ୍ଡାର ଉତ୍ପାଦନ ଓ ଯୋଗାଣ ଅଭାବରୁ ଗରିବ ଲୋକମାନେ ଅଣ୍ଡାପରି ପୁଷ୍ଟିକର ସୁଷମ ଖାଦ୍ୟ ପାଇବାରୁ

ବଞ୍ଚିତ ହୁଅନ୍ତି । ପ୍ରକୃତରେ କହିବାକୁ ଗଲେ ଗାଁ ଗହଳରେ ରହୁଥିବା ଗରୀବ ମୂଲିଆ ମାନେ କୁକୁଡ଼ାପାଳନ କରିଥାନ୍ତି । ଘରର ଅଭାବ ଅସୁବିଧା ବେଳେ କୁକୁଡ଼ା ବିକ୍ରୀ କରି ତେଲ, ଲୁଣ ଖର୍ଚ୍ଚ ଚଳାଇଥାନ୍ତି । ଆମର ଦେଶୀ କୁକୁଡ଼ା ପ୍ରାୟ ୪୦-୫୦ଟି ଅଣ୍ଡା ବର୍ଷକ ମଧ୍ୟରେ ଦେଇ ପାରନ୍ତି । ତେଣୁ ଚାହିଦା ଅନୁପାତରେ ଅଣ୍ଡାର ଉତ୍ପାଦନ କମ୍ ହୋଇଥାଏ । ସହରାଞ୍ଚଳରୁ ଅଣ୍ଡାଯାଇ ମଫସଲରେ ଅଧିକ ପଇସାରେ ବିକ୍ରୀ କରାଯାଏ । ଏ ଅଭାବକୁ ଦୂର କରିବାକୁ ହେଲେ ଗାଁ ଗହଳରେ କୁକୁଡ଼ା ଚାଷକୁ ପ୍ରୋତ୍ସାହନ ଦେବା ନିହାତି ଦରକାର ।

ଗାଁ ଗହଳରେ ଲୋକଙ୍କ ଆର୍ଥିକ ଦୁରାବସ୍ଥାକୁ ଆଖି ଆଗରେ ରଖି ବୈଜ୍ଞାନିକମାନେ ଏକ ସହଜ, ବୈଷୟିକ ଜ୍ଞାନ କୌଶଳ ବାହାର କରିଛନ୍ତି । ଏହାକୁ ସଫଳତାର ସହ ପ୍ରୟୋଗ କରି ଆମ ଗାଁ ଗହଳିର ଛୋଟ ଛୋଟ କୁକୁଡ଼ା ଚାଷୀଙ୍କର ପାରମ୍ପରିକ କୁକୁଡ଼ା ଚାଷରେ ବିଶେଷ ପରିବର୍ତ୍ତନ ନକରି ସେହି ପ୍ରଣାଳୀରେ ଉନ୍ନତ ଓ ଅଧିକ ଉତ୍ପାଦନକ୍ଷମ ଶଙ୍କର ଜାତୀୟ କୁକୁଡ଼ା ପାଳନ କରିପାରିବେ । ଏହାଦ୍ୱାରା ଲୋକଙ୍କର ଆର୍ଥିକ ଉନ୍ନତି ହେବା ସଙ୍ଗେ ସଙ୍ଗେ ଗାଁ ଗହଳିରେ ଲୋକମାନେ ଅଣ୍ଡାପରି ପୁଷ୍ଟିକର ଖାଦ୍ୟ ଅତିକମ୍ ଖର୍ଚ୍ଚରେ ଓ ସହଜରେ ମିଳିପାରିବ ।

## ଶଙ୍କର ଜାତୀୟ କୁକୁଡ଼ା କ'ଣ ?

ମୁକ୍ତ ଅଙ୍ଗନରେ ଆମ ଗାଁ'ଗହଳିରେ ଭଲଭାବରେ ବଢି ଅଧିକା ଅଣ୍ଡାଦେବା ଶଙ୍କର ଜାତୀୟ କୁକୁଡ଼ା ମଧ୍ୟରେ ବନରାଜା ଅନ୍ୟତମ । ଏହା ବୈଶିଷ୍ଟ୍ୟତା ଏହିପରି-

ଏହା ଦେଖିବାକୁ ଠିକ୍ ଦେଶୀ କୁକୁଡ଼ା ପରି କିନ୍ତୁ ଆକାରରେ ବଡ଼ । ଏହାର ରଙ୍ଗ ବିଭିନ୍ନ ପ୍ରକାରର । ପ୍ରାୟ ୮/୧୦ ସପ୍ତାହ ମଧ୍ୟରେ ଏକ କିଲୋରୁ ଅଧିକ ଓଜନ ହୋଇପାରନ୍ତି । ପ୍ରାୟ ୨୨/୨୪ ସପ୍ତାହ ପରେ ଏମାନେ ଅଣ୍ଡା ଦିଅନ୍ତି । ଏ ବୟସରେ ଗଞ୍ଜାର ଓଜନ ପ୍ରାୟ ୩ କିଲୋ ହେଲାବେଳେ ମାଇ କୁକୁଡ଼ା ୨ କିଲୋରୁ ୩ କିଲୋ ଓଜନ ହୁଅନ୍ତି । ଅଣ୍ଡା ଆକାରରେ ବଡ଼ କିନ୍ତୁ ଦେଖିବାକୁ ଓ ସ୍ୱାଦରେ ଠିକ୍ ଦେଶୀ ଅଣ୍ଡାପରି । ଏ କୁକୁଡ଼ା ବର୍ଷକୁ ୧୫୦ରୁ ୧୮୦ ଯାଏ ଅଣ୍ଡା ଦିଅନ୍ତି । ଏ କୁକୁଡ଼ା ମାଂସ ଓ ଦେଶୀ କୁକୁଡ଼ା ମାଂସ ଭିତରେ ବହୁତ କମ୍ ତଫାତ୍

ଅଛି ବୋଲି ଏହାର ଲୋକ ପ୍ରିୟତା ବଢିବଢି ଚାଲିଛି । ମାଇ କୁକୁଡ଼ା ଦେଶୀ କୁକୁଡ଼ା ପରି କୁଡ଼ୁକି ହୁଅନ୍ତି ନାହିଁ । ଏମାନେ ପ୍ରାୟ ୨ବର୍ଷ ବୟସ ପର୍ଯ୍ୟନ୍ତ କ୍ରମାଗତ ଅଣ୍ଡା ଦେଇପାରନ୍ତି ।

## କୁକୁଡ଼ାର ଘର ଓ ତା'ର ଯତ୍ନ

ମୁକ୍ତ ଆକାଶରେ କୁକୁଡ଼ା ରଖିବା ବିଷୟରେ ଆମ ଗାଁ ଲୋକେ ବେଶ୍ କୁଶଳତା ହାସଲ କରିଛନ୍ତି । ଦେଶୀ କୁକୁଡ଼ା ତା ଛୁଆର ଯତ୍ନ ବଡ଼ ହେଲାଯାଏ ନିଏ । ମାତ୍ର ଶଙ୍କର ଜାତୀୟ କୁକୁଡ଼ା ଛୁଆ ଫୁଟାଇବା ଯନ୍ତ୍ରଦ୍ୱାରା ବାହାର କରାଯାଏ । ତେଣୁ ଏମାନେ ଜନ୍ମରୁ ମାତୃହୀନ । ପ୍ରଥମ ୪ ସପ୍ତାହ ଯାଏ ଏମାନଙ୍କର ଯତ୍ନନେବା ନିହାତି ଦରକାର । ବିଶେଷ କରି ଏମାନଙ୍କୁ ରଖିବା ପାଇଁ କାଠ ବା ବାଉଁଶ ତିଆରି ଛୋଟ ଘରଟିଏ ଦରକାର । ଯଦି ୧୦ଟି ଚିଆଁ ପାଳିବାର ଅଛି ତେବେ ୪ଫୁଟ୍ ଲମ୍ବ, ୩ଫୁଟ୍ ଚଉଡ଼ା ଓ ୨ଫୁଟ୍ ଉଚ୍ଚତା ବିଶିଷ୍ଟ ଗୋଟିଏ ଡବା ତିଆରି କରିବା ଆବଶ୍ୟକ । ଏ ଡବାର ତଳଭାଗ ବନ୍ଦ ରଖାଯାଏ । ଚାରିପାଖରେ ତାରଜାଲି ବା ବାଉଁଶ ଖଡ଼ିକା ଦେଇ ପିଞ୍ଜରା ଆକାର କରାଯାଏ । ଏହାଦ୍ୱାରା ବାୟୁଚଳାଚଳ ସହଜ ହୁଏ । ଏକ ପାଖରେ ୧୦ଇଞ୍ଚ ଉଚ୍ଚତା ବିଶିଷ୍ଟ ଦୁଆର ଥିବା ଦରକାର ଯାହାଦ୍ୱାରା ଦାନା ଓ ପାଣି ଯୋଗାଇ ଦିଆଯାଇଥାଏ । ଶୀତଦିନେ ବା ଅଧିକ ଥଣ୍ଡାବେଳେ ଏହି ଡବା ଉପରେ ୬୦ୱାଟ୍ ବଲ୍ ଦେବାକୁ ହୁଏ କିମ୍ବା ଗରମ ଲାଗୁଥିବା ଜାଗାରେ ରଖିବାକୁ ହୁଏ । ବିଜୁଳି ନଥିଲେ ଦିନରେ ଅଧା ଛାଇ ଓ ଅଧା ଖରାରେ ରଖି ଏବଂ ରାତିରେ ଅଖା ଘୋଡ଼ାଇ ଦେବାକୁ ହୁଏ । ଯେପରିକି ବାୟୁ ଚଳା ଚଳରେ କୌଣସି ଅସୁବିଧା ନହୁଏ । ବାକ୍ସର ତଳ ଚଟାଣରେ ଶୁଖିଲା ଚଷୁ ବା କରତ ଗୁଣ୍ଡ, କଟାନଡ଼ା ଦୁଇ ଇଞ୍ଚ ବହଳର ପକାଇବା ଦରକାର ।

### ଖାଦ୍ୟ –

ଏ କୁକୁଡ଼ା ଖୁବ୍ ଶୀଘ୍ର ବଢିଥାନ୍ତି । ତେଣୁ ପ୍ରଥମ ସପ୍ତାହ ପାଇଁ ସେମାନଙ୍କୁ ସନ୍ତୁଳିତ ଆହାର ଦେବା ଉଚିତ୍ । ତେବେ ପ୍ରି ୫ଟି ଛୁଆ ପାଇଁ ୧କିଲୋ ଦାନା

କିଣିନେଲେ ଏକ ମାସ ପର୍ଯ୍ୟନ୍ତ ଦିଆଯାଇ ପାରିବ । ପ୍ରଥମ ଦିନରୁ ୭ଦିନ ଯାଏ ଆବଦ୍ଧ କରି ଭିତରେ ଦାନା ଓ ପାଣି ଦେବା ଉଚିତ୍ । ଏହି ସମୟରେ Antibiotic Parder ମିଶା ପାଣି ଦିଆଯାଏ । ଏକ ସପ୍ତାହ ପରେ ସେମାନଙ୍କୁ ଧିରେ ଧିରେ ବାହାରକୁ ଆଣି ଖୁଦ, ଉଇ, କଟା ଘାସ, ପତ୍ର ଦେଇ ଖାଇ ଶିଖାଇବା ଉଚିତ୍ । ଏ ସମୟରେ ଏମାନଙ୍କୁ ପୁରୁଣା ମାଛଜାଲ ବା ବାଉଁଶ ତିଆରି ଝାମ୍ପ ଭିତରେ ରଖିବା ଦରକାର । ଏହାଦ୍ୱାରା ବାହ୍ୟ ଶତ୍ରୁ ଯଥା- ବିରାଡ଼ି କୁକୁର, ନେଉଳ, ଛଞ୍ଚାଣ, ଚିଲ ଓ କାଉ ଏମାନଙ୍କୁ ଆକ୍ରମଣ କରିପାରନ୍ତି ନାହିଁ । ଧିରେ ଧିରେ ଏମାନଙ୍କୁ ଜଗିରଖି ବାହାରକୁ ଛାଡ଼ି ଦିଆଯାଏ । ପ୍ରାୟ ୧ ମାସ ଭିତରେ ଏମାନେ ସଂଘବଦ୍ଧ ହୋଇ ଚରାବୁଲା ଆରମ୍ଭ କରନ୍ତି । ସନ୍ଧ୍ୟାରେ ଫେରିଲାପରେ ସେମାନଙ୍କୁ ଘରର ବଳକା ଖାଦ୍ୟ ଯଥା- ଭାତ, ରୁଟି, ଖୁଦ, ଚାଉଳ ଇତ୍ୟାଦି ଗୋଟିଏ ବା ଦୁଇଟି ପୁରୁଣା ଆଲୁମିନିୟମ୍ ବା ପ୍ଲାଷ୍ଟିକ୍ ପାତ୍ରରେ ଖାଇବାକୁ ଦିଆଯାଏ । ଯଦି ପେଟଭରି ଦାନା ଖାଇଥାନ୍ତି, ତେବେ ସେମାନେ ଏ ଖାଦ୍ୟ ପରଦିନ ସକାଳେ ଖାଇଥାନ୍ତି । ତେବେ କୁକୁଡ଼ାଙ୍କୁ ପରୀକ୍ଷା କରିବା ଉଚିତ୍ ଯେ ସେମାନେ ବାହାରୁ ପ୍ରଚୁର ପରିମାଣରେ ଖାଇବାକୁ ପାଉଛନ୍ତି କି ନା ? ପେଟଭରି ଖାଇବା କୁକୁଡ଼ାର ବେକତଳ ଥିବା ଥଳି ଭରିଥାଏ । ତା ବାହାରକୁ ଫୁଲିଲା ପରି ଦେଖାଯାଏ । ହାତ ମାରିଲେ ହାତକୁ ଖାଇଥିବା ଖାଦ୍ୟ ଜଣାପଡ଼େ । ପ୍ରବଳ ଗ୍ରୀଷ୍ମ ଓ ଲଗାଣ ବର୍ଷା ।ଦିନରେ ବୁଲା କୁକୁଡ଼ାଙ୍କୁ ପ୍ରଚୁର ଖାଦ୍ୟ ଖାଇବାକୁ ମିଳେ ନାହିଁ । ତେଣୁ ସେ ସମୟରେ ଅଳ୍ପ ପରିମାଣରେ କିଣା ଖାଦ୍ୟ ଦେବା ଦରକାର । ଉପଯୁକ୍ତ ଖାଦ୍ୟ ପାଇଲେ ଏମାନେ ପ୍ରଚୁର ପରିମାଣରେ ପାଣି ପିଇବା ଦରକାର କରନ୍ତି । ତେଣୁ ବାହାରେ ବୁଲିବା ସମୟରେ ସଫା ମାଟିପାତ୍ର ବା ପ୍ଲାଷ୍ଟିକ୍ ପାତ୍ର ଭିନ୍ନ ଭିନ୍ନ ସ୍ଥାନରେ ଗଛତଳ ଛାଇ ଜାଗାରେ ରଖି ନିତି ପରିଷ୍କାର ପାଣି ଦେବା ନିତ୍ୟାନ୍ତ ଦରକାର ।

### ରୋଗ ପ୍ରତିଷେଧକ ବ୍ୟବସ୍ଥା -

ଗାଁ ଗହଳିରେ ରାଣୀକ୍ଷେତ୍ ବା ଘୁମାରୋଗ ଅତି ସାଂଘାତିକ କ୍ଷତି କରିଥାଏ । ଏହା ଏକ ଗ୍ରାମରେ ବ୍ୟାପିଲେ ପ୍ରାୟ ସବୁ ବୟସର କୁକୁଡ଼ାର ମୃତ୍ୟୁ ହୋଇଥାଏ ।

ଏହା ବ୍ୟତିତ କୁକୁଡ଼ା ବସନ୍ତ ଓ ଚୂନ ଝାଡ଼ା ରୋଗ ମଧ୍ୟ ପ୍ରତିବର୍ଷ ଦେଖାଯାଏ । ତେଣୁ ଏ ସମସ୍ତ ରୋଗର ପ୍ରତିକାର ପାଇଁ ଟୀକା ଦେବା ନିହାତି ଦରକାର । ଘୁମାରୋଗରୁ ରକ୍ଷା ପାଇବାକୁ ହେଲେ ତିନୋଟି ଟୀକା ଯଥା- ୫-୧୦ ଦିନରେ, ୩୫-୪୦ ଦିନରେ ଏବଂ ୭୦-୭୫ଦିନରେ ଦିଆଯାଏ । ଏହି ଟୀକା ସବୁ ଆଖି ଏବଂ ନାକପୁଡ଼ାରେ ପକାଯାଏ । ଏହା ବ୍ୟତୀତ ୬-୮ ସପ୍ତାହରେ କୁକୁଡ଼ା ବସନ୍ତ ଟୀକା ଦେବା ଆବଶ୍ୟକ । ପ୍ରତି ୨ ମାସରେ ଥରେ ଲେଖାଏଁ କୃମି ନାଶକ ଔଷଧ ଦେଇଦେଲେ କୁକୁଡ଼ାମାନେ ନୀରୋଗ ରହିବା ସଙ୍ଗେ ସଙ୍ଗେ ଭଲ ବଢିଥାନ୍ତି । ଏହାଦ୍ୱାରା ଭଲ ଅଣ୍ଡା ମଧ୍ୟ ଦିଅନ୍ତି ।

●●●